[2010] 4 S.C.R.

# ଅକଲୁ ଅହିର

ବନାମ

ବିହାର ରାଜ୍ୟ

(ଫୌଜଦାରୀ ଆବେଦନ ସଂଖ୍ୟା 836/2009)

ମାର୍ଚ୍ଚ 11, 2010*

**[ହରଜିତ୍ ସିଂ ବେଦି ଏବଂ ସି.କେ. ପ୍ରସାଦ, ନ୍ୟାୟମୂର୍ତ୍ତିଦ୍ୱୟ]**

ଦଣ୍ଡ ସଂହିତା, 1860 :

*ଧାରା 302/34 ଏବଂ 307 - ଅଭିଯୁକ୍ତ-ଆବେଦନକାରୀଙ୍କ ଦ୍ୱାରା କୁହାଯାଉଥିବା ଗୁଳି ଚାଳନା ଲକ୍ଷ୍ୟକୁ ହରାଇଲା - ସହ ଅଭିଯୁକ୍ତଙ୍କ ଦ୍ୱାରା ଗୁଳି ଚାଳନା ପୀଡ଼ିତଙ୍କୁ ଆଘାତ କରିଥିଲା, ଯାହାଫଳରେ ତାଙ୍କର ମୃତ୍ୟୁ ଘଟିଥିଲା - ଧାରା 307 ଅନୁଯାୟୀ ଅଭିଯୁକ୍ତ-ଆବେଦନକାରୀଙ୍କ ଦୋଷସିଦ୍ଧି - ଧାରା 302/34 ଅନୁଯାୟୀ ଅନ୍ୟ ଆଠ ଜଣଙ୍କୁ ଦୋଷସିଦ୍ଧି - ଅଭିଯୁକ୍ତମାନଙ୍କ ମଧ୍ୟରୁ ଛଅ ଜଣଙ୍କୁ ଉଚ୍ଚ ନ୍ୟାୟାଳୟ ଦୋଷମୁକ୍ତ କରିଛନ୍ତି - ଧାରା 307 ଅଧୀନରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ଦ୍ୱାରା ଆବେଦନ - ନିର୍ଣ୍ଣୟ କରାଗଲା : ଆବେଦନକାରୀ ଏବଂ ତାଙ୍କ ସହ ଅପରାଧୀଙ୍କ ମଧ୍ୟରେ ପୂର୍ବ-ଏକଜୁଟ କିମ୍ବା ପୂର୍ବରୁ ଚିନ୍ତାଧାରା ଏକାଠି ହେବାର ପ୍ରମାଣରରେ ଅଭିଯୋଜନ ସାକ୍ଷ୍ୟରେ କୌଣସି ପ୍ରସ୍ତାବ ନାହିଁ - କିଛି ଅଭିଯୁକ୍ତ ଏବଂ ଅଭିଯୋଗକାରୀ ପକ୍ଷ ମଧ୍ୟରେ ଶତ୍ରୁତା ଥିଲା ବୋଲି ଦର୍ଶାଇବା ପାଇଁ ପ୍ରମାଣ ଅଛି କିନ୍ତୁ ସ୍ୱୀକୃତ ଭାବରେ ଯେଉଁ ଅଭିଯୁକ୍ତଙ୍କ ବିରୋଧରେ ଶତ୍ରୁତା ପ୍ରସ୍ତାବିତ ହୋଇଥିଲା ସେମାନଙ୍କୁ ନିର୍ଦ୍ଦୋଷରେ ଦୋଷମୁକ୍ତ କରାଯାଇଛି, ଏହି ତଥ୍ୟ କୌଣସି ପ୍ରକାରେ ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟକାରୀ ହୁଏ ନାହିଁ - ଏହା ମଧ୍ୟ ଲକ୍ଷ୍ୟ କରିବାକୁ ହେବ ଯେ ଅଭିଯୁକ୍ତମାନେ ସମସ୍ତେ ନିକଟ ପାଖାପାଖି ରହୁଥିଲେ - ତେଣୁ, ଏହି ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ଯେ ସେମାନେ ଶବ୍ଦ କାରଣରୁ ଘଟଣା ସ୍ଥଳକୁ ଆସିଥିଲେ ଏବଂ ହତ୍ୟା କରିବା ପାଇଁ ଏକ ପୂର୍ବ-ଯୋଜନାବଦ୍ଧ ଉଦ୍ଦେଶ୍ୟ ନେଇ ଏକାଠି ହୋଇନଥିଲେ - କୌଣସି ପ୍ରକାରେ, ମନର କୌଣସି ପୂର୍ବ ମିଳନ ହୋଇଥିଲା ବୋଲି ସୂଚିତ କରିବା ପାଇଁ କୌଣସି ପ୍ରମାଣ ନାହିଁ - ଆଇ.ପି.ସି. ର ଧାରା 302/34 ଅନୁଯାୟୀ ଆବେଦନକାରୀଙ୍କୁ ଦୋଷସିଦ୍ଧି କରିବାର ଆବଶ୍ୟକତା ନାହିଁ - ଆବେଦନକାରୀ ଏକ ଗୁଳି ଚଳାଇ ତାଙ୍କର ଲକ୍ଷ୍ୟକୁ ହରାଇଥିବାର ତଥ୍ୟକୁ ଦୃଷ୍ଟିରେ ରଖି, ଧାରା 307 ଅନୁଯାୟୀ ତାଙ୍କର ଦଣ୍ଡବିଧାନ ବଜାୟ ରଖିବାକୁ ପଡିବ - ତେବେ, ଦଣ୍ଡାଦେଶକୁ 10 ବର୍ଷରୁ 5 ବର୍ଷକୁ ହ୍ରାସ କରାଯାଇଛି ।*

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 836/2009 ।

ଫୌଜଦାରୀ ଆବେଦନ ସଂଖ୍ୟା 36/2000 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ତା 29.10.2003 ରିଖର ରାୟ ଏବଂ ଆଦେଶରୁ ।

---

* ତା 24.4.2010 ରିଖରେ ରାୟ ନଥିଭୁକ୍ତ ହୋଇଥିଲା

# ଅକଲୁ ଅହିର ବନାମ ବିହାର ରାଜ୍ୟ

ଆବେଦନକାରୀ ପାଇଁ ପି.ଏସ୍. ମିଶ୍ର, ଉପେନ୍ଦ୍ର ମିଶ୍ର, ଧ୍ରୁବ କୁମାର ଝା, ଥଗତ ହର୍ଷବର୍ଦ୍ଧନ, ପବନ କୁମାର, ପବନ କୁମାର ଶରଣ ।

ଉତ୍ତରଦାତାଙ୍କ ପାଇଁ ରିତେଶ କୁମାର ଚୌଧୁରୀ (ଗୋପାଳ ସିଂହଙ୍କ ପାଇଁ) ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

## ଆଦେଶ

ବିଶେଷ ଅନୁମତି ମାଧ୍ୟମରେ ଏହି ଆବେଦନ ନିମ୍ନଲିଖିତ ତଥ୍ୟରୁ ଉତ୍ପନ୍ନ ହୋଇଛି :

1981 ମସିହା ଜାନୁଆରୀ 10 ତାରିଖ ଅପରାହ୍ନ ପ୍ରାୟ 5ଟା ବେଳେ କିଶୋର ଭଗତ ତାଙ୍କ ପିତାଙ୍କ ସହ ଗାଈମାନଙ୍କୁ ଖୁଆଇବା ପରେ ଘରକୁ ଫେରିଥିଲେ । ସେମାନେ ଘରର ଦ୍ୱାରରେ ପ୍ରବେଶ କରୁଥିବାବେଳେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଗାର୍ଜୁ ଅହିର (ମୃତ) ଉତ୍ତର ପାର୍ଶ୍ୱରୁ ବାହାରିଥିଲେ ଏବଂ କିଶୋର ଭଗତଙ୍କୁ ତାଙ୍କ ପଶୁଖାଦ୍ୟ ମେସିନ୍ ଫେରାଇ ଦେବାକୁ କହିଥିଲେ । କିନ୍ତୁ କିଶୋର ଭଗତ ଏପରି କରିବାକୁ ମନା କରିଦେଇଥିଲେ, ଯାହାଫଳରେ ଗାର୍ଜୁ ତାଙ୍କ ଉପରକୁ ଗୁଳି ଚଳାଇଥିଲେ, ଯାହା ତାଙ୍କ ଲକ୍ଷ୍ୟକୁ ଭେଦ କରିନଥିଲା । ଏହା ପରେ ଆବେଦନକାରୀ ଅକଲୁ ଅହିର ସେହି ଦିଗରୁ ଆସି କିଶୋର ଭଗତଙ୍କ ଉପରକୁ ଆଉ ଏକ ଗୁଳି ଚଳାଇଲେ, ତାହା ମଧ୍ୟ ଲକ୍ଷ୍ୟ ହରାଇଲା । ଏହି ଆକ୍ରମଣ ପରେ, ସୁରେଶ ସିଂ ଏବଂ ବ୍ରିଜ ମୋହନ ଅହିର ମଧ୍ୟ ସେଠାରେ ପହଞ୍ଚିଥିଲେ ଏବଂ ସୁରେଶ ସିଂ ତାଙ୍କ ସାଥୀଙ୍କୁ ଏକ କାର୍ଟ୍ରିଜ୍ ହସ୍ତାନ୍ତର କରିଥିଲେ ଯିଏ ତାଙ୍କ ବନ୍ଧୁକରୁ ଗୁଳି ଚଳାଇଥିଲେ ଯାହା କିଶୋର ଭଗତଙ୍କ ଛାତି ଏବଂ ପେଟରେ ଆଘାତ କରିଥିଲା ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହା ପରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଅନ୍ୟ କେତେକ ଅଭିଯୁକ୍ତ କିଶୋର ଭଗତଙ୍କ ଉପରେ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ଅନେକ ଆଘାତ ମଧ୍ୟ ଦେଇଥିଲେ ଏବଂ ଏପରି କରିବା ପରେ ଅଭିଯୁକ୍ତ ମୃତଦେହକୁ ଯେଉଁ ସ୍ଥାନରେ ପଡ଼ିଥିଲା ସେହି ସ୍ଥାନରେ ଛାଡ଼ି ଘଟଣାସ୍ଥଳରୁ ପଳାଇ ଯାଇଥିଲେ ।

ତଦନ୍ତ ଶେଷ ହେବା ପରେ ଅଭିଯୁକ୍ତ ବ୍ରିଜ ମୋହନ ଅହିରଙ୍କ ବିରୋଧରେ ଆଇପିସିର ଧାରା 302 ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା ଏବଂ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା 302/34 ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ବର୍ତ୍ତମାନର ଆବେଦନକାରୀ ଗାର୍ଜୁ ଅହିର ଏବଂ ଅକଲୁ ଅହିରଙ୍କ ବିରୋଧରେ ଆଇପିସିର ଧାରା 307/34 ଏବଂ ଅସ୍ତ୍ର ଅଧିନିୟମର ଧାରା 27 ଅନୁଯାୟୀ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି । ଦୌରା ନ୍ୟାୟାଳୟ ନିଜର ରାୟ ଶୁଣାଇବା ସମୟରେ ନିର୍ଣ୍ଣୟ କରିଥିଲେ ଯେ, ଅଭିଯୋଜନ କାହାଣୀ ସନ୍ଦେହାତୀତ ଭାବରେ ପ୍ରମାଣିତ ହୋଇଛି ଏବଂ ଗାର୍ଜୁ ଅହିର (ଯିଏ ବିଚାର ସମୟରେ ମୃତ୍ୟୁବରଣ କରିଥିଲେ) ଙ୍କ ବ୍ୟତୀତ ଅନ୍ୟ ସମସ୍ତ ଅଭିଯୁକ୍ତ ଦୋଷସିଦ୍ଧି ଏବଂ ଦଣ୍ଡାଦେଶ ପାଇଁ ଦାୟୀ ଯେଉଁଥିପାଇଁ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଏହା ପରେ, ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟରେ ଆବେଦନ ଭାବରେ ଗ୍ରହଣ କରାଯାଇଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଆଂଶିକ ଭାବରେ ବିଚାର କରୁଥିବା ନ୍ୟାୟାଳୟର ରାୟକୁ ଓଲଟାଇ

ଦେଇଥିଲେ ଯେ ଯେହେତୁ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଅଭିଯୁକ୍ତ, ଡାକ୍ତରଙ୍କ ବିବରଣୀ ଅନୁଯାୟୀ କୌଣସି ଆଘାତ କରିନଥିଲେ, ସେମାନେ ଦୋଷମୁକ୍ତ ହେବାର ଅଧିକାରୀ ଥିଲେ । ତେବେ ସୁରେଶ ସିଂହ, ବ୍ରିଜ ମୋହନ ଅହିର ଏବଂ ଅକଲୁ ଅହିରଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରାଯାଇଥିଲା । ବର୍ତ୍ତମାନର ଆବେଦନକୁ କେବଳ ଅକଲୁ ଅହିରଙ୍କ ଅନୁରୋଧରେ ଏହି ନ୍ୟାୟାଳୟରେ ଦାଖଲ କରାଯାଇଛି ।

ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ପି.ଏସ୍. ମିଶ୍ର ଶୁଣାଣି ସମୟରେ କେବଳ ଗୋଟିଏ ତର୍କ ଉପସ୍ଥାପନ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ ତଥ୍ୟରୁ ଏହା ସାମ୍ନାକୁ ଆସିଛି ଯେ ଆବେଦନକାରୀଙ୍କୁ ହତ୍ୟା ଅପରାଧ ପାଇଁ ଆଇପିସିର ଧାରା 34 ର ସହାୟତାରେ ଅଭିଯୁକ୍ତ କରାଯାଇ ପାରିନଥାନ୍ତା କାରଣ ହତ୍ୟା କରିଥିବା ଦୁଇ ସହ ଅଭିଯୁକ୍ତଙ୍କ ସହିତ କୌଣସି ସମାନ ଉଦ୍ଦେଶ୍ୟ ଦର୍ଶାଇବା ପାଇଁ କୌଣସି ପ୍ରମାଣ ନଥିଲା । ସେ ଦର୍ଶାଇଛନ୍ତି ଯେ ଚାରି ଜଣ ଅଭିଯୁକ୍ତ ଥିଲେ, ପ୍ରଥମ ଜଣକ ମୃତ ଗର୍ଜୁ ଅହିର, ଦ୍ୱିତୀୟ ଅକଲୁ ଅହିର, ଏଠାରେ ଆବେଦନକାରୀ, ତୃତୀୟ ସୁରେଶ ଏବଂ ବ୍ରିଜ ମୋହନ ଅହିର ଏବଂ ଶେଷରେ ଅନ୍ୟ ଛଅ ଜଣ ଅଭିଯୁକ୍ତ ଯେଉଁମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦୋଷମୁକ୍ତ ହୋଇଥିଲେ । ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ଯଦିଓ ଧରିନିଆଯାଉ କିଶୋର ଭଗତଙ୍କ ଉପରେ ଗୁଳି ଚଳାଇବା ପାଇଁ ଆବେଦନକାରୀ ଦୋଷୀ ଥିଲେ, ଯାହାକି ଲକ୍ଷ୍ୟଭେଦ କରିନଥିଲା, ଧାରା 307/34 ଅନୁଯାୟୀ ଲାଗୁ ହୋଇଥିବା ଦଶ ବର୍ଷର ଆର.ଆଇ. ର ଦଣ୍ଡାଦେଶକୁ ହ୍ରାସ କରାଯିବା ଉଚିତ ।

ତେବେ ବିଦ୍ୱାନ ରାଜ୍ୟ ଓକିଲ ଶ୍ରୀ ରିତେଶ ଚୌଧୁରୀ ଦର୍ଶାଇଛନ୍ତି ଯେ ତଥ୍ୟରୁ ଜଣାପଡ଼ିଛି ଯେ କିଶୋର ଭଗତ ଏବଂ ତାଙ୍କ ପିତାଙ୍କୁ ହତ୍ୟା କରିବା ଏବଂ ସେମାନଙ୍କ ମଧ୍ୟରେ ଥିବା ଶତ୍ରୁତାକୁ ସବୁଦିନ ପାଇଁ ସମାଧାନ କରିବା ପାଇଁ ଅଭିଯୁକ୍ତମାନେ ସେମାନଙ୍କର ସମାନ ଉଦ୍ଦେଶ୍ୟ ଅନୁଯାୟୀ ଏକାଠି ହୋଇଥିଲେ । ତେଣୁ ସେ ଦର୍ଶାଇଛନ୍ତି ଯେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ସମର୍ଥନ କରିବାର ଆବଶ୍ୟକତା ରହିଛି ।

ପ୍ରାସଙ୍ଗିକ ତଥ୍ୟ ଉପରେ ଦିଆଯାଇଛି । ଆମେ ଏଠାରେ ଆବେଦନକାରୀ ଏବଂ ତାଙ୍କ ସହ-ଅଭିଯୁକ୍ତଙ୍କ ମଧ୍ୟରେ ପ୍ରାକ୍-ଏକଜୁଟର ପ୍ରମାଣ କିମ୍ବା ପୂର୍ବ ମନ ମିଳନର ପ୍ରମାଣ ପାଉନାହୁଁ । କେତେକ ଅଭିଯୁକ୍ତ ଏବଂ ଅଭିଯୋଗକାରୀ ପକ୍ଷଙ୍କ ମଧ୍ୟରେ ଶତ୍ରୁତା ଥିଲା ବୋଲି ଦର୍ଶାଇବା ପାଇଁ ସ୍ୱୀକାର୍ଯ୍ୟ ଭାବେ ପ୍ରମାଣ ରହିଛି, କିନ୍ତୁ ଯେଉଁ ଅଭିଯୁକ୍ତଙ୍କ ବିରୋଧରେ ଶତ୍ରୁତା ଥିବା ନେଇ ଅଭିଯୋଗ ହୋଇଥିଲା, ସେମାନଙ୍କୁ ଦୋଷମୁକ୍ତ କରାଯାଇଛି, ଏହି ତଥ୍ୟ କୌଣସି ପ୍ରକାରେ ବର୍ତ୍ତମାନର ଆବେଦନକାରୀଙ୍କ ବିରୋଧରେ କାର୍ଯ୍ୟକାରୀ ହେବ ନାହିଁ ।

ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ଅଭିଯୁକ୍ତମାନେ ପରସ୍ପରର ଅତି ନିକଟରେ ରହୁଥିଲେ ଏବଂ ଗର୍ଜୁ ଅହିରଙ୍କ ପ୍ରଥମ ଆକ୍ରମଣରେ ସୃଷ୍ଟି ହୋଇଥିବା ଶବ୍ଦ ଯୋଗୁଁ ସେମାନେ ଘଟଣାସ୍ଥଳକୁ ଆସିଥାଇପାରନ୍ତି । ଏହା ପ୍ରମାଣିତ ହୋଇଛି ଯେ ଉଭୟ ପକ୍ଷ ପୋଖରା ଟୋଲାର ବାସିନ୍ଦା ଥିଲେ, ଯେଉଁଠାରେ କେବଳ 25ଟି ଘର ଥିଲା, ସମସ୍ତେ ଏକାଠି ହୋଇଥିଲେ । ତେଣୁ ଏହି ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ଯେ ସେମାନେ ଶବ୍ଦ କାରଣରୁ ଘଟଣା ସ୍ଥଳରେ ପହଞ୍ଚିଥିଲେ ଏବଂ ହତ୍ୟା କରିବା ପାଇଁ ଏକ ପୂର୍ବ-ଯୋଜନାବଦ୍ଧ ଉଦ୍ଦେଶ୍ୟରେ ଏକାଠି ହୋଇନଥିଲେ । ଶ୍ରୀ ଚୌଧୁରୀଙ୍କ ଦ୍ୱାରା ଏହା ପ୍ରସ୍ତାବ ଦିଆଯାଇଛି ଯେ ଅକଲୁ ଅହିର ଏବଂ ବ୍ରିଜ ମୋହନ ଅହିର

ସମାନ ନଡ଼ା ଗଦାରୁ ବାହାରି ଆସିଥିଲେ ଯାହା ଏକ ପୂର୍ବ ଯୋଜନାବଦ୍ଧ ଆକ୍ରମଣ ଏବଂ ମନର ପୂର୍ବ ମିଳନକୁ ଦର୍ଶାଏ ।

ତେବେ, ଆମେ ଜଣେ ପ୍ରତ୍ୟକ୍ଷଦର୍ଶୀ ପି.ଡବ୍ଲ୍ୟୁ. 5 ରାମ ଶଙ୍କର ଯାଦବଙ୍କ ପ୍ରମାଣରୁ ଦେଖୁଛୁ, ଯେ ସେହି ସ୍ଥାନ ନିକଟରେ ଦୁଇଟି ଭିନ୍ନ ଭିନ୍ନ ନଡ଼ା ଗଦା ଥିଲା ଏବଂ ଦୁଇ ଅଭିଯୁକ୍ତ ଭିନ୍ନ ଭିନ୍ନ ନଡ଼ା ଗଦା ପଛରୁ ବାହାରି ଆସିଥିଲେ । କୌଣସି ପ୍ରକାରେ ଏହା ସୂଚିତ କରିବା ପାଇଁ କୌଣସି ପ୍ରମାଣ ନାହିଁ ଯେ ମନର କୌଣସି ପୂର୍ବ ମିଳନ ହୋଇଥିଲା । ତେଣୁ ଆମର ମତ ହେଉଛି ଯେ ଆଇପିସିର ଧାରା 302/34 ଅନୁଯାୟୀ ଆବେଦନକାରୀଙ୍କ ଦଣ୍ଡବିଧାନ ଆବଶ୍ୟକ ନୁହେଁ । ଆବେଦନକାରୀ ଏକ ଗୁଳି ଚଳାଇଥିବାର ତଥ୍ୟକୁ ଦୃଷ୍ଟିରେ ରଖି ଯାହାକି ଏହାର ଲକ୍ଷ୍ୟଭେଦ କରିନଥିଲା, ତେଣୁ ଧାରା 307 ଅନୁଯାୟୀ ତାଙ୍କର ଦଣ୍ଡାଦେଶ ବଜାୟ ରଖିବାକୁ ପଡିବ । ତେବେ ଦଣ୍ଡାଦେଶକୁ 10 ବର୍ଷରୁ 5 ବର୍ଷକୁ ହ୍ରାସ କରାଯାଇଛି ।

ଏହି ପରିବର୍ତ୍ତନ ସହିତ ଆବେଦନକୁ ଖାରଜ କରାଯାଇଛି ।

ଆର୍.ପି. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।